# Akashvani, Sambalpur

## SAMBALPURI NEWS EVENING BULLETIN

## 8 September 2025- 7.02 pm- 7.12 pm.

*********************************************

୧- ଉପରାଷ୍ଟ୍ରପତି ପଦ୍ ଲାଗି ଆଏବାକାଏଲ୍ ହେବା ନିର୍ବାଚନ ।

ନୂଆଦିଲ୍ଲୀ ନ ହେଇଛେ ଓଡ଼ିଶା ବିଜେପି ସାଂସଦ୍‌ମାନ୍‌କର ବୈଠକ୍ ।

୨- 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ୍‌ର ଆଏବା ୧୭ ତାରିଖ୍ ଉଦ୍‌ଘାଟନ୍ କର୍‌ବେ ପ୍ରଧାନମନ୍ତ୍ରୀ ।

୩- ରାଏଜେ ଫି ବଛର୍ ଏପ୍ରିଲ୍ ମାସୁ ସାର୍ ବାଂଟବାର୍‌କେ ନେଇକରି ତୟାରି କର୍‌ବାର୍‌କେ ପେକ୍ସ ମାନ୍‌କୁ ସରକାରଙ୍କର୍ ପରାମର୍ଶ ।

ଆଉର୍

୪- ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲ୍‌କିଆଙ୍କର୍ ପରଲୋକ ।

ଉପରାଷ୍ଟ୍ରପତି ନିର୍ବାଚନ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଉପରାଷ୍ଟ୍ରପତି ପଦ୍ ଲାଗି ଆଏବାକାଏଲ୍ ନିର୍ବାଚନ୍‌ହେବା । ଇ ପଦ୍ ଲାଗି ଏନ୍‌ଡିଏ ତର୍‌ଫୁ ମହାରାଷ୍ଟ୍ରର ରାଜ୍ୟପାଲ୍ ସି.ପି. ରାଧାକ୍ରିଷ୍ଣନ୍ ପ୍ରାର୍ଥୀ ଥିଲା ବେଲ୍‌କେ ଇଣ୍ଡି ମେଂଟର୍ ପ୍ରାର୍ଥୀ ସୁପ୍ରିମକୋର୍ଟର ଆଘର୍ ବିଚାରପତି ଜଷ୍ଟିସ ବି. ସୁଦର୍ଶନ୍ ରେଡ୍ଡୀ ରହିଛନ୍ । ଆଏବା କାଏଲ୍ ଦିନର୍ ୧୦ ବଜେନୁ ବେଲ୍‌ବୁଡ଼ର ୫ ବଜେତକ୍ ମତଦାନ୍ ହେବା । ସଂଜବେଲର୍ ୬ ବଜେନୁ ଭୋଟ୍ ଗନ୍‌ତି ମୁଲ୍ ହେବା ।

ଉପରାଷ୍ଟ୍ରପତି ନିର୍ବାଚନ୍‌କେ ନେଇକରି ନୂଆଦିଲ୍ଲୀଠାନେ ଆଏଜ୍ ଓଡ଼ିଶା ବିଜେପି ସାଂସଦ୍‌ମାନ୍‌ଙ୍କର ବୈଠକ୍ ହେଇଯାଇଛେ । ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କର୍ ସରକାରୀ ବାସଭବନ୍‌ଠାନେ ହେଇଥିବା ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଭିଲ୍ ଯୋଗ୍ ଦେଇଥିଲେ ।  ବୈଠକ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍....

(ଭଏସ୍ ଓଭର----ମୁଖ୍ୟମନ୍ତ୍ରୀ)

ବୈଠକ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଦଲର୍ ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର୍‌ଙ୍କର ସହେତେ ସାଂସଦ୍‌ମାନେ ଉପସ୍ଥିତ୍ ଥିଲେ ।

‘ସୁସ୍ଥ ନାରୀ, ସଶକ୍ତ ପରିବାର’ ଅଭିଯାନ୍ ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୭ ତାରିଖ୍ ଦିନ ‘ସୁସ୍ଥ ନାରୀ, ସଶକ୍ତ ପରିବାର’ ଅଭିଯାନ୍‌ର ଉଦ୍‌ଘାଟନ୍ କର୍‌ବେ । ଇ ବାବ୍‌ଦେ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ସାମାଜିକ୍ ଗଣମାଧ୍ୟମଥି ସୂଚ୍‌ନା ଦେଇଛନ୍ । ସେ କହିଛନ୍, ପ୍ରଧାନମନ୍ତ୍ରୀଙ୍କର୍ ଜନମ୍ ଦିନ୍ ଉଧେ ‘ସୁସ୍ଥ ନାରୀ, ସଶକ୍ତ ପରିବାର’ ଅଭିଯାନ୍‌ଥି ସାରା ଦେଶେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଉ ଅଲ୍‌ଗା ସ୍ୱାସ୍ଥ୍ୟ ସଂସ୍ଥାନ୍‌ମାନ୍‌କେ ୭୫ ହଜାର ସ୍ୱାସ୍ଥ୍ୟ ଶିବିର୍ ଆୟୋଜନ୍ କରାଯିବା । ଇ ଶିବିର୍‌ମାନ୍‌କେ ମହିଲା ଆଉ ଛୁଆମାନ୍‌କର ଆବଶ୍ୟକ୍‌ତାକେ ନଜର୍‌ଥି ରଖିକରି ସେବା ସୁବିଧା ଯୁଗେଇ ଦିଆଯିବା । ଇତାର୍ ସହେତେ ଅଙ୍ଗନୱାଡ଼ି କେନ୍ଦ୍ର ମାନ୍‌କେ ପୋଷଣ ମାସ୍ ପାଳନ୍ କରାଯିବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ ।

କୋରାପୁଟ୍ ଜିଲ୍ଲାର ଆଦିବାସୀମାନ୍ଙ୍କର ସାମାଜିକ୍ ଆଉ ଅର୍ଥନୈତିକ୍ ସ୍ଥିତିକେ କଫି ଚାଷ୍ ବଦଲସ୍ କର୍‌ବା ବଲି ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ । ୪ ଦିନିଆ କୋରାପୁଟ୍ ଆଉ ମାଲକାନଗିରି ଜିଲ୍ଲା ଗସ୍ତଥି ଯାଇକରି ରାଜ୍ୟପାଲ୍ ଶ୍ରୀ କମ୍ଭମ୍‌ପାଟି କଫି ଚାଷ୍ ବୁଲି ଦେଖ୍‌ବାର୍ ସହେତେ କଫି ବୋର୍ଡର ସଦସ୍ୟାମାନ୍ଙ୍କର ସଙ୍ଗେ ଆଲୋଚନା କରିଛନ୍ । ଜିଲ୍ଲା ନ କଫି ଚାଷ୍‌କେ ଆହୁରି ବଢ଼ାବାର୍ ଆଉ ଚାଷୀମାନ୍ଙ୍କୁ ତହଁକାବାର ଲାଗି ଜିଲ୍ଲା ପ୍ରଶାସନ୍‌କେ ପରାମର୍ଶ ଦେଇଛନ୍ । ଇତାର୍ ସହେତେ ଜିଲ୍ଲା ନଥିବା ପର୍ଯ୍ୟଟନସ୍ଥଲୀ ମାନ୍‌କର ବିକାଶ ଉପ୍‌ରେ ଜୋର୍ ଦେଇଛନ୍ ।

ବେଆଇନ ନିର୍ମାଣ-ନିର୍ଦ୍ଦେଶନାମା ହି.ସ.

ସରକାରୀ ଅନୁମୋଦନ୍ ନାଇଁ ପାଇକରି ତିଆର୍ ହେଇଥିବା କୁଠାମାନ୍‌କର୍ କାମ୍‌କେ ବନ୍ଦ୍ କର୍‌ବାର ଲାଗି ରାଜ୍ୟ ଗୃହ ଆଉ ନଗର ଉନ୍ନୟନ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶନାମା ଜାରି କରାଯାଇଛେ । ନିର୍ଦ୍ଦେଶନାମା ଅନ୍‌ସାରେ ଏତ୍‌କର କୁଠାବାଡ଼ି ପ୍ଲାନ୍ ଅନୁମୋଦନ୍ ଆଗୋନୁ ବିଲ୍‌ଡର୍‌ମାନ୍‌କର୍

ସହେତେ ସମ୍‌କୁ ଅକୁପେସନ୍ ସାର୍ଟିଫିକେଟ୍ ଦେବାର୍ ବାବ୍‌ଦେ ଅଣ୍ଡରଟେକିଂ ରଖ୍‌ବାର୍‌କେ ପଡ଼୍‌ବା । ଇତାର୍ ସହେତେ ନିର୍ମାଣ ଜାଗାମାନ୍‌କେ ଅନୁମୋଦିତ୍ ଯୋଜ୍‌ନା ଆଉ ନିର୍ମାଣ ନକ୍ସାର୍ ଭିଲ୍ ପ୍ରଦର୍ଶନ୍ କରାଯିବା । କୁଠା ତିଆର୍ କାମ୍ ସର୍‌ଲେ ଅଧିଗ୍ରହଣ ପ୍ରମାଣପତ୍ର ପରିଦର୍ଶନ୍ ଉତ୍‌ରୁ ଖାଲି ପ୍ରାଧିକରଣ ତର୍‌ଫୁ ଜାରି କରାଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ । ଇ କ୍ଷେତ୍ରଥି କେନ୍‌ସି ଭୁଲ୍ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ରାଏଜେ ବେଆଇନ୍ ନିର୍ମାଣକେ ଆଏତ୍ କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ଇ ପଦ୍‌କ୍ଷେପ ନିଆଯାଇଥିବା ଜନାପଡ଼ିଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର/ଏନ୍‌ଏସ୍‌ଡି

ଜିଏସ୍‌ଟି ପରିଷଦ୍‌ର ବୈଠକ୍‌ଥି ବହୁତ୍‌ଟେ କ୍ଷେତ୍ରର୍ ଟିକସ୍ ଦର୍ ପୁରାପୁରି ହଟେଇ ନିଆଯାଇଥିବାର୍ ବେଲେ ଆଉ କେତେଟା କ୍ଷେତ୍ରଥି ଇତାକେ କମ୍ କରାଯାଇଛେ । ବୟନ ଶିଳ୍ପ କ୍ଷେତ୍ର ଭିତ୍‌ରେ ଜିଏସ୍‌ଟି ସଂସ୍କାର ଗୁଟେ ବଡ଼ ବଦ୍‌ଲାବ୍ ଆନ୍‌ବା ବଲି କୁହାଯାଉଛେ ।

ଇ ମାସର୍ ୨୨ ତାରିଖ୍‌ନୁ ଲାଗୁ ହେବାର୍‌କେ ଥିବା ନୂଆ ଜିଏସ୍‌ଟି ଦର୍ ବୟନ ଶିଳ୍ପ କ୍ଷେତ୍ରଥି ଥିବା ସମସ୍ୟା ଦୂର୍ କର୍‌ବାର୍ ସହେତେ ଲୁକ୍‌କର ଘିନ୍‌ବାର୍ କ୍ଷମତା ଆଉ ଚାହିଦା ବଢ଼ାବା । ଇ କ୍ଷେତ୍ରଥି କାମ୍ କରୁଥିବା ବିଶେଷଜ୍ଞ ଆଉ କର୍ମଜୀବୀମାନେ ଭିଲ୍ ଇତାର୍ ଜରିଏ ଲାଭ୍ ପାଏବେ । ବୟନଶିଳ୍ପ କ୍ଷେତ୍ରଥି ମୁନୁଷ୍ ତିଆର୍ ଫାଇବର୍ କ୍ଷେତ୍ର ନ ଟିକସ୍ ହାର ୧୮ ପ୍ରତିଶତ୍‌ନୁ ୫ ପ୍ରତିଶତ୍‌କେ କମ୍ କରାଯାଇଛେ । ଜିଏସ୍‌ଟି ପରିଷଦ୍ ତର୍‌ଫୁ ହାତ୍ ତିଆର୍ କପ୍‌ଡ଼ା, ପାପୋଛ୍, ଗାଲିଚା ବାଗିର୍ ଦରବ୍ ଉପ୍‌ରେ ଜିଏସ୍‌ଟି ହାର ୫ ପ୍ରତିଶତ୍ କମ୍ କରାଯାଇଛେ ।

କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ସଂସ୍କାରକେ ଭିନ୍ ଭିନ୍ ମହଲ୍‌ନୁ ସ୍ୱାଗତ୍ କରାଯାଇଛେ । ନୂଆ ଜିଏସ୍‌ଟି ନୀତି ଦେଶର ଅର୍ଥନୀତିକେ ଆହୁରି ବର୍‌କସ୍ କର୍‌ବା ବଲି ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ ମହାବିଦ୍ୟାଲୟର୍ ଆଘର୍ ଅର୍ଥନୀତି ଅଧ୍ୟାପକ ଶ୍ରୀକାନ୍ତ ଯୋଶୀ କହିଛନ୍....

(ଭଏସ୍ ଓଭର--- ଶ୍ରୀକାନ୍ତ ଯୋଶୀ)

ସାର ଯୋଗାଣ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଜ୍ୟ ସରକାର ଫି ବଛର୍ ଏପ୍ରିଲ ମାସ୍‌ନୁ ସାର୍ ବାଂଟ୍‌ବାର୍‌କେ ନଇେକରି ତୟାରି ମୁଲ୍ କର୍‌ବାର୍‌କେ ସବୁ ପେକ୍ସମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ବାବ୍‌ଦେ ସମବାୟ ବିଭାଗ୍ ତର୍‌ଫୁ ସମବାୟ ସମିତି ଉପନିବନ୍ଧକ-ଡିଆର୍‌ସିଏସ୍‌ମାନ୍‌କୁ ଚିଠି ଲେଖାଯାଇଛେ । ମହଜୁଦ୍ ଥିବା ସାର୍ ୭ ଦିନ୍ ଭିତ୍‌ରେ ବାଂଟବାର୍‌କେ ଭିଲ୍ ନିର୍ଦ୍ଦେଶ୍ ଦିଆଯାଇଛେ । ପେକ୍ସମାନେ ସାର ବାଂଟବାରଥି ସାମିଲ୍ ନାଇ ହେଲେ ଧାନ୍ ଘିନାଥି ସାମିଲ୍ ହେଇନାଇ ପାରନ୍ ବଲି ଚିଠିଥି କୁହାଯାଇଛେ । ସବୁ ପେକ୍ସ ନିଜର୍ ଲାଇସେନ୍ସ ନବୀକରଣ କର୍‌ବାର୍‌କେ ଭିଲ୍ ପରାମର୍ଶ ଦିଆଯାଇଛେ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲପୁର/ବୌଦ୍ଧ/ବରଗଡ଼/ ଦେବଗଡ଼/ନୂଆପଡ଼ା/ସୁବର୍ଣ୍ଣପୁର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଜମନ୍‌କିରା ବ୍ଲକ୍ କାର୍ଯ୍ୟାଳୟ ନ ଜିଲ୍ଲା ପ୍ରଶାସନ୍‌ର ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଶିବିର୍‌ଥି

୬୬ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ସେଥିର୍‌ଭିତ୍‌ରୁ ୨ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ  ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ଶହେ ୯ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୪୭ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ୩ ଝନ୍‌ଙ୍କୁ ରେଡ୍‌କ୍ରସ୍ ପାଣ୍ଠିନୁ ୨୦ ହଜାର ଆର୍ଥିକ୍ ସାହାଜ୍ ଦିଆଯାଇଥିଲା ।

ବର୍‌ଗଡ୍ ଜିଲ୍ଲା ପାଇକମାଲ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଜନଅଭିଯୋଗ୍ ଶୁଣାଣି ଶିବିର୍‌ଥି ଶହେ ୬ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ୍ ଜିଲ୍ଲା ରିଆମାଲ୍ ବ୍ଲକ୍ କଲ୍ୟାଣ ମଣ୍ଡପ୍‌ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୧୮ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ଶହେ ୩୧ ଟା ଅଭିଯୋଗ୍ ଆସିଥିଲା । ଇ ଅବ୍‌ସରେ ୭ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ବେଲ୍‌କେ ୫ଟା ଅଭିଯୋଗ୍‌କେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକେ ପଠାଯାଇଥିଲା ।

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ସଦ୍‌ଭାବନା ଗୃହ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୪ଟା ଅଭିଯୋଗ୍ ଆଗତ୍ ହେଇଥିଲା । ଇ ଅବ୍‌ସରେ ଜିଲ୍ଲାପାଲ୍ ଘର୍‌କେ ଫିରିଥିବା ଝନେ ଦାଦନ୍ ଶ୍ରମିକଙ୍କୁ ୧୦ ହଜାର ଟଙ୍କା ରେଡ୍‌କ୍ରସ୍ ପାଣ୍ଠିନୁ ସାହାଜ୍

କରିଥିଲେ । ୫ନେ ଦିବ୍ୟାଙ୍ଗଙ୍କୁ ଭିଲ୍ ହ୍ୱିଲ୍ ଚେୟାର୍ ସହେତେ ୫ ହଜାର ଟଙ୍କା ସାହାଜ୍ ଯୁଗେଇ ଦେଇଥିଲେ ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରାଜେନ୍ଦ୍ର ଢୋଲକିଆ ପରଲୋକ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାୟକ ଆଉ ଆଘର ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲ୍କିଆଙ୍କର ଆଏଜ୍ ସଖାଲେ ପରଲୋକ ହେଇଯାଇଛେ । ତାଙ୍କୁ ୭୮ ବଛର୍ ବଏସ୍ ହେଇଥିଲା । ଶାରୀରିକ୍ ଅସୁସ୍ଥତା ଲାଗି କିଛିଦିନ୍ ହେଲା ରାଜ୍ୟ ବାହାରେ ଚିକିତ୍ସିତ୍ ହଉଥିଲେ । ଚିକିତ୍ସା ଚାଲିଥିବା ଅବସ୍ଥାଥି ଆଏଜ୍ ତାଙ୍କର ପରଲୋକ ହେଇଥିବା ଜନାପଡ଼ିଛେ । ଶ୍ରୀ ଢୋଲ୍କିଆ ନୂଆପଡ଼ା ଆସନ୍ନୁ ୪ ଥର ବିଧାୟକ୍ ଭାବେ ନିର୍ବାଚିତ୍ ହେଇଥିଲେ ।

ତାଙ୍କର ପରଲୋକ୍ଥି ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍ପାଟି ଦୁଃଖ୍ପ୍ରକାଶ କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ୍ ପ୍ରକାଶ କରିକରି ପରିବାର୍ ଲୁକ୍କୁ ସମବେଦନା

ଜନେଇଛନ୍ । କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱର୍ଗତ୍ ଢୋଲ୍କିଆଙ୍କ ରାଜନୀତି ଆଉ ସମାଜସେବା କ୍ଷେତ୍ରଥି ଅବଦାନ୍ ସବୁଦିନେ ସୁର୍‌ତା ରହେବା ବଲି କହିଛନ୍ ।

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

‘ଡିଜିଟାଲ୍ ଯୁଗେ ସାକ୍ଷର୍‌ତାକେ ତହଁକାବାର୍’ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଇଛେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍ । ସମାଜ୍‌ର ଫି ଲୋକ୍‌କେ ସାକ୍ଷର୍ କର୍‌ବାର୍ ଉପ୍‌ରେ ଗୁରୁତ୍ୱ ଦେଇକରି ୧୯୬୭ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ସାକ୍ଷରତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ଇ ଦିବସ୍ ପାଲନ୍ କରାଯାଏସି । ୨୦୧୧ ଜନ୍‌ଗଣନା ଅନ୍‌ସାରେ ଭାରତ୍ ନ ସାକ୍ଷରତା ହାର ୭୪ ଦଶମିକ୍ ୪ ପ୍ରତିଶତ୍ ରହିଥିଲା ବେଲ୍‌କେ ମହିଲାଙ୍କର ସାକ୍ଷରତା ହାର ୬୫ ଦଶମିକ୍ ୪/୬ ଆଉ ପୁରୁଷଙ୍କର ସାକ୍ଷରତା ହାର ୮୨ ଦଶମିକ ୧/୪ ପ୍ରତିଶତ୍ ରହିଥିଲା ।

ଏକ୍ ପେଡ୍ ମାଁକେ ନାମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବନବିଭାଗ୍ ତର୍ଫୁ ଏକ୍ ପେଡ୍ ମାଁକେ ନାମ୍ କାର୍ଯ୍ୟକ୍ରମ୍ ମୁଲ୍ କରାଯାଇଛେ । ପୁରୁଣାକଟକ ବନାଂଚଲ୍ ତର୍ଫୁ ଭିନ୍ ଭିନ୍ ପଂଚାୟତ୍‌କେ ଚାରା ବଂଟାଯିବାର୍ ମୁଲ୍ କରାଯାଇଛେ ।

ଇ ଅବ୍‌ସରେ ଗୁଟେ ସଚେତନ୍‌ତା ରଥର୍ ଶୁଭାରମ୍ଭ କରାଯାଇଛେ । ଇ ରଥ ଗାଁ ଗାଁ ବୁଲିକରି ଗଛ୍ ଜଗାବାର ଲାଗି ଲୁକ୍‌କୁ ସଚେତନ୍ କର୍‌ବା ।

ପୋଶ୍ ଆଇନ୍ ସଚେତନତା ବରଗଡ଼ ସମ୍ବାଦଦାତା

ବରଗଡ଼ ଜିଲ୍ଲା ଉଦ୍ୟାନ କୃଷି ବିଭାଗ୍ ତର୍ଫୁ କର୍ମକ୍ଷେତ୍ରଥି ମହିଲାମାନ୍‌କର ଉପ୍‌ରେ ହଉଥିବା ଯୌନ ନିର୍ଯାତନା ନିଷେଧ ବାବଦ୍ ଗୁଟେ ଦିନ୍‌କିଆ କର୍ମଶାଲା ହେଇଯାଇଛେ । ଇ ଅବ୍‌ସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର୍ ସବୁ ସଭ୍ୟଙ୍କର୍ ସହେତେ ସୂଚ୍‌ନା ଆଉ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ରହିକରି ପୋସ୍ ଆଇନ୍ ବାବ୍‌ଦେ ଆଲୋଚନା କରିଥିଲେ ।

ରେଲ୍ କର୍ମଚାରୀ ପୁରସ୍କୃତ୍ ସମ୍ବଲପୁର ସମ୍ବାଦଦାତା

ସୁରକ୍ଷିତ୍ ଟ୍ରେନ୍ ଚଲାଚଲ୍‌କେ ନେଇକରି ସଜାଗ୍ ଆଉ ସତର୍କତା ଲାଗି ସମ୍ବଲପୁର ଜିଲ୍ଲା ଦେବାହାଲ ଷ୍ଟେସନ୍ ମାଷ୍ଟର୍ ହିମାଂଶୁ ଶେଖର୍‌ଙ୍କୁ ସମ୍ବଲପୁର ରେଲ୍ ମଣ୍ଡଳ ତର୍‌ଫୁ ସମ୍ମାନୀତ୍ କରାଯାଇଛେ । ତାଙ୍କର କର୍ତବ୍ୟ ନିଷ୍ଠା ଆଉ ସମର୍ପଣ ଲାଗି ସମ୍ବଲପୁର ରେଲ୍ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ତାଙ୍କୁ ପୁରସ୍କୃତ୍ କରିଛନ୍ ।

ପାଣିପାଗ୍ ଆର୍‌ଏନ୍‌ୟୁ/ସମ୍ବଲପୁର/ସମ୍ବଲ୍‌ପୁର୍ ସମ୍ବାଦଦାତା

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ପାଖେ ବଙ୍ଗୋପ୍‌ସାଗର୍ ନ ଫେର୍‌ଘୁଟେ ଘୂର୍ଣ୍ଣିବଳୟ ବନିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୧୩ ତାରିଖ୍ ତକ୍ ଓଡ଼ିଶା ନ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଇଲାକା ନ ବର୍ଷା ହେଇପାରେ । କୋରାପୁଟ୍ ଆଉ ମାଲ୍‌କାନଗିରି ନ ଘଡ଼ଘଡ଼ି ସଙ୍ଗେ ଅତି ଜବର୍

ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଜଲ୍‌ସ୍ତର୍ କମ୍‌ବାର୍‌ନୁ ଆଏଜ୍ ଫେର୍ ୨ ଟା ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ୨ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜାବେଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୭ ଦଶ୍‌ମିକ୍ ୨/୭ ଫୁଟ୍ ରହିଛେ ।